## ଆଜି କ'ଣ କେଉଁଠି

**ବ୍ରହ୍ମପୁର**

- ସାଉଥ୍‌କୋରେ ଦୁର୍ନୀତି ବିରୋଧରେ ବିକ୍ଷୋଭ। ସ୍ଥାନ-ସାଉଥ୍‌କୋ ମୁଖ୍ୟ କାର୍ଯ୍ୟାଳୟ । ସମୟ-ପୂର୍ବାହ୍ନ ୧୧ଟା ।
- ସରକାରଙ୍କ ମଦ ନୀତିକୁ ବିରୋଧ। ସ୍ଥାନ-ବିଜିପୁର ଜଗନ୍ନାଥ ମନ୍ଦିର ସମ୍ମୁଖ। ସମୟ-ଅପରାହ୍ନ ୪.୩୦ମିନିଟ୍ ।

## ଅପହରଣକାରୀ ଗିରଫ

**ବ୍ରହ୍ମପୁର ଅଫିସ,୨୨।୭:** ଟାଉନ ଥାନା ପୋଲିସ ଅପହରଣ ହୋଇଥିବା ଜଣେ ନାବାଳିକା ଛାତ୍ରୀଙ୍କୁ ଉଦ୍ଧାର କରିବା ସହ ଅପହରଣକାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଗୋଷାଣୀନୂଆଗାଁର କିଷାନ ବେହେରା (୨୨)। ଛାତ୍ରୀଙ୍କୁ ଅପହରଣ ପରେ ବଳାତ୍କାର ଅଭିଯୋଗରେ ପୋଲିସ ସୋମବାର ମାମଲା ନଂ.୯୧/୧୯ରେ କିଷାନଙ୍କୁ କୋର୍ଟ ଚାଲାଣ କରିଛି ବୋଲି ଥାନାଧିକାରୀ ସନ୍ତୋଷିନୀ ଓରାମ କହିଛନ୍ତି। ସେହିପରି ସୋମବାର ପୀଡିତାଙ୍କ ବୟାନ କୋର୍ଟରେ ରେକର୍ଡ଼ କରାଯାଇଛି। ପ୍ରକାଶ ଯେ, ମାର୍ଚ୍ଚ ୨୮ ରେ ଜଣେ ୧୦ମ ଶ୍ରେଣୀ ଛାତ୍ରୀ ନିଖୋଜ ହୋଇଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ମୋବାଇଲ ଟ୍ରାକିଂ କରି ରବିବାର ଛାତ୍ରୀଙ୍କୁ ଗୋଳନ୍ଥରା ଅଞ୍ଚଳରୁ ଉଦ୍ଧାର କରିଥିବା କହିଛି। ସୋମବାର ଉଭୟଙ୍କୁ ଡାକ୍ତରୀ ମାଇନା କରାଯାଇଛି। ପୀଡିତାଙ୍କୁ ସୁଧାର ଗୃହରେ ରଖାଯାଇଥିବା ସୂଚନା ମିଳିଛି।

## ଆହତ ଯୁବକଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ, ୨୨।୭:** ଏକ ଗାଡ଼ି ଧକ୍କାରେ ବାଇକ୍‌ରୁ ଖସିପଡି ଗୁରୁତର ଆହତ ହୋଇଥିବା ଜଣେ ଯୁବକଙ୍କର ଏମ୍‌କେସିଜି ମେଡିକାଲରେ ରବିବାର ରାତିରେ ମୃତ୍ୟୁ ଘଟିଛି। ମୃତ ଯୁବକ ଚିକିଟି ପେଣ୍ଠର ବୁଦ୍ଧୁ ବେହେରା (୩୪) ବୋଲି ମେଡିକାଲ ଫାଣ୍ଡି ଅଧିକାରୀ ଜନ୍ମେଜୟ ମଲ୍ଲିକ ସୂଚନା ଦେଇଛନ୍ତି। ସୋମବାର ପୋଲିସ ମୃତଦେହ ଜବତ କରି ନଂ.୩୯୪/୧୯ରେ ମାମଲା ରୁଜୁ କରିଛି।

ପ୍ରକାଶ ଯେ, ଗତ ୨୦ ତାରିଖ ମଧ୍ୟାହ୍ନରେ ବୁଦ୍ଧୁ ତାଙ୍କ ସାଙ୍ଗ ସାୟାଦ ଅଲ୍ଲୀ ଖାନ୍‌ଙ୍କ ସହ ବଉଲଝୋଲି ଗ୍ରାମରେ ରହୁଥିବା ଜଣେ ସମ୍ପର୍କୀୟଙ୍କ ଘରକୁ ବାଇକ୍‌ରେ ଯାଉଥିଲେ। ରତନେଶ୍ୱରୀ ମନ୍ଦିର ନିକଟରେ ଏକ ଗାଡି ତାଙ୍କ ବାଇକ୍‌କୁ ଧକ୍କାଦେଇ ଚାଲିଯାଇଥିଲା। ରାସ୍ତା ଉପରେ ଉଭୟ ଯୁବକ ପଡିଥିବା ବେଳେ ସେହି ରାସ୍ତାଦେଇ ଯାଉଥିବା ଲୋକମାନେ ସେମାନଙ୍କୁ ଉଦ୍ଧାର କରି ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ବୁଦ୍ଧୁ ଗୁରୁତର ଥିବାରୁ ତାଙ୍କୁ ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ବିଷ ପିଇ ଜଣେ ମୃତ

**ବ୍ରହ୍ମପୁର ଅଫିସ,୨୨।୭:**ଘରୋଇ କଳିରୁ ବିଷ ପିଇ ଗୁରୁତର ଥିବା ଜଣେ ବ୍ୟକ୍ତିଙ୍କର ଏମ୍‌କେସିଜି ମେଡିକାଲରେ ରବିବାର ରାତିରେ ମୃତ୍ୟୁ ଘଟିଛି। ସେ ହେଲେ ଚମାଖଣ୍ଡି ଥାନା ଅନ୍ତର୍ଗତ ମାଟିଖାଲ ଗ୍ରାମର ସୁବାସ ପ୍ରଧାନ (୪୮)। ସୋମବାର ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରି ନଂ.୩୯୫/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପ୍ରକାଶ ଯେ, ସୁବାସ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ କଳି ଲାଗି ରହୁଥିଲା। ଏଣୁ ସେ ମାନସିକ ଭାରସାମ୍ୟ ହରାଇ ଗତ ୧୯ ତାରିଖରେ ସେ ବିଷ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା।

## ୧୨୬ ଅଭିଯୋଗର ଶୁଣାଣି

**ବ୍ରହ୍ମପୁର ଅଫିସ୍,୨୨।୭:** ଜିଲାପାଳଙ୍କ ଅଭିଯୋଗ ଶୁଣାଣି ସୋମବାର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ବିଜୟ୍ ଅମୃତା କୁଲାଙ୍ଗେ, ଏସ୍‌ପି ପିନାକ ମିଶ୍ର, ଉପଜିଲାପାଳ ଦିଗନ୍ତ ରାଉତରାୟ୍ ଏବଂ ଡିଏସ୍‌ପି ଜେ.କେ. ପଟ୍ଟନାୟକ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ। ମୋଟ ୧୨୬ ଅଭିଯୋଗ ଆସିଥିଲା । ସେଥିରୁ ୧୫ ବ୍ୟକ୍ତିଗତ ଏବଂ ୨ଟି ଗ୍ରାମ ସମସ୍ୟା ଏବଂ ଅନ୍ୟଟି ଆଇନଜୀବୀଙ୍କ ସମସ୍ୟା ରହିଥିଲା। ତେବେ ୧୦୮ ଅଭିଯୋଗର ତୁରନ୍ତ ଶୁଣାଣି କରାଯାଇଥିଲା । ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୨୦ହଜାର ଟଙ୍କାର ସହାୟତା ବଣ୍ଟନ ହୋଇଥିଲା । ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଶିବିରରେ ଉପସ୍ଥିତ ଥିଲେ ।

### ବ୍ରହ୍ମପୁର ବଡ଼ ମେଡିକାଲ

# ବାୟୋମେଟ୍ରିକ ଉପସ୍ଥାନ ପ୍ରହସନ

**ବ୍ରହ୍ମପୁର ଅଫିସ,୨୨।୭**

**ଡାକ୍ତରଙ୍କ ଘରୋଇ ନର୍ସିଂହୋମ୍ ପ୍ରୀତି ବଢୁଛି**




ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ କଲେଜ (ଏମ୍‌କେସିଜି) ଦକ୍ଷିଣ ଓଡ଼ିଶାର ଏକମାତ୍ର ବଡ ହସ୍ପିଟାଲ। ଏହା ଉପରେ ପଡୋଶୀ ଆନ୍ଧ୍ରପ୍ରଦେଶ ଓ ପୁରୀ, ଗଜପତି, କନ୍ଧମାଳ ଏବଂ ଖୋର୍ଦ୍ଧା ଅଞ୍ଚଳର ରୋଗୀମାନେ ନିର୍ଭର କରୁଛନ୍ତି। ଏମ୍‌କେସିଜି ମେଡିକାଲରେ ବୟୋମେଟ୍ରିକ ବ୍ୟବସ୍ଥା ସହ ସିସି ଟିଭି ଖଞ୍ଜା ଯାଇଛି। ହେଲେ ଏହି ବ୍ୟବସ୍ଥା ଏବେ ପ୍ରହସନ ପାଲଟିଛି। ହସ୍ପିଟାଲ ଭିତରକୁ ଯିବା ବେଳେ ଡାକ୍ତରମାନେ ବାୟୋମେଟ୍ରିକ ମେଶିନରେ ସେମାନଙ୍କର ଫିଙ୍ଗର ପ୍ରିଣ୍ଟ ଦେଉଛନ୍ତି। ଅଳ୍ପ କେତେ ଜଣ ରୋଗୀଙ୍କୁ ଦେଖିବା ପରେ ହସ୍ପିଟାଲର ଅନ୍ୟ ରାସ୍ତାଦେଇ ସେମାନେ ବିଭିନ୍ନ ନର୍ସିଂହୋମ୍‌କୁ ଚାଲି ଯାଉଛନ୍ତି। ଏମ୍‌କେସିଜି ମେଡିକାଲରେ ଲାଗି ରହିଥିବା ଏଭଳି ଅବ୍ୟବସ୍ଥା ଦୂର କରିବା ପାଇଁ ବହୁ ଅନୁଷ୍ଠାନ ଜିଲା ପ୍ରଶାସନ ନିକଟରେ ବିଭିନ୍ନ ସମୟରେ ଅଭିଯୋଗ କରିଛନ୍ତି। ଏଥିପ୍ରତି କେହି ଆନ୍ତରିକତା ଦେଖାଉ ନାହାନ୍ତି ବୋଲି କେତେକ ସଂଘ ପକ୍ଷରୁ ମଧ୍ୟ ଅଭିଯୋଗ ହୋଇଛି। ଏମ୍‌କେସିଜି ମେଡିକାଲ ଡାକ୍ତରମାନେ ହସ୍ପିଟାଲ ଭିତରକୁ ରୋଗୀଙ୍କୁ ଚିକିତ୍ସା ପାଇଁ ଯାଉଛନ୍ତି। କିଛି ସମୟ ପରେ ପିଜି ଛାତ୍ରଙ୍କୁ ଏହି ଦାୟିତ୍ୱ ହସ୍ତାନ୍ତର କରି ସେଠାରୁ ଖସି ପଳାଇ ନର୍ସିଂହୋମରେ ଚିକିତ୍ସା କରୁଛନ୍ତି ବୋଲି ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ଅନେକ ଥର ଘଣ୍ଟଯାତ୍ରା ମାଧ୍ୟମରେ ଉଭୟ ମେଡିକାଲ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ହେଲେ ଅଦ୍ୟାବଧି କୌଣସି ପରିବର୍ତ୍ତନ ଘଟିନାହିଁ । ଏହା ଏବେ ଏକ ପ୍ରହସନ ପାଲଟିଛି ବୋଲି ମାନବ ସୁରକ୍ଷା ଅଧିକାର ମଞ୍ଚ ଆବାହକ ଅବନୀ ଗୟା କହିଛନ୍ତି।

ଏ ସମ୍ପର୍କରେ ଏମ୍‌କେସିଜି ମେଡିକାଲ ଡିନ୍ ତଥା ଅଧକ୍ଷ ପ୍ରଫେସର ରାଧାମଧ ତ୍ରିପାଠୀ କୁହନ୍ତି, ହସ୍ପିଟାଲରେ ରୋଗୀ ସେବାରେ ସ୍ୱଚ୍ଛତା ଆଣିବା ପାଇଁ ବାୟୋମେଟ୍ରିକ ବ୍ୟବସ୍ଥା ଲାଗୁ କରାଯାଇଛି। ଅନ୍ୟପଟେ ଡାକ୍ତରମାନଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ମେଡିକାଲ ପରିସରରେ ସିସି ଟିଭି ଖଞ୍ଜାଯାଇଛି। ବିଗତ ଦିନରେ କେତେ ଜଣ ଡାକ୍ତର ଏହାର ଖିଲାପ କରିଥିବା ବେଳେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ସେ କହିଛନ୍ତି।

## ବଳପୂର୍ବକ ଘର କବ୍‌ଜା ଅଭିଯୋଗ



ଅଭିଯୋଗ କରିବାକୁ ଆସିଥିବା ଦଣ୍ଡପାଣିଙ୍କ ପରିବାର ।

**ବ୍ରହ୍ମପୁର ଅଫିସ୍,୨୨।୭**

ଗେଟ୍‌ବଜାର ଲୋଚାପଡ଼ା ରୋଡ଼୍‌ର ବାସିନ୍ଦା ଦଣ୍ଡପାଣି ସାହୁଙ୍କ ଘରକୁ କେତେକ ଲୋକ ବଳପୂର୍ବକ କବ୍‌ଜା କରି ନେଇଥିବା ଅଭିଯୋଗ ହୋଇଛି। ସୋମବାର ଦଣ୍ଡପାଣିଙ୍କ ସପରିବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଏହି ଅଭିଯୋଗ କରିଛନ୍ତି। ପ୍ରାୟ ୩୭ବର୍ଷ ହେଲା ଦଣ୍ଡପାଣି ଉକ୍ତ ଘରେ ରହୁଛନ୍ତି। ୨୦୦୩ ରେ ଘର ପଟ୍ଟା ତାଙ୍କ ନାମରେ ହୋଇଥିଲା। ବିଜୁଳିବିଲ୍ ଏବଂ ପୌର ଟିକସ ଦେଉଛନ୍ତି । କିନ୍ତୁ ଗତ ଫେବୃୟାରୀରେ ଜଣେ ବ୍ୟକ୍ତି ବଳପୂର୍ବକ ଦଣ୍ଡପାଣିଙ୍କୁ ତଡ଼ିଦେଇ ଘର ଅକ୍ତିଆର କରିଥିଲେ । ଦଣ୍ଡପାଣି ଏ ସମ୍ପର୍କରେ ଟାଉନ୍‌ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ ମାମଲା ରୁଜୁ କରି ନ ଥିଲା। ଫଳରେ ସେ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଉପଜିଲାପାଳ ସମସ୍ତ ଦସ୍ତାବିଜ୍ ଦେଖିଥିଲେ। ତହସିଲଦାର୍‌ଙ୍କୁ ତଦନ୍ତ କରିବାକୁ କହିଥିଲେ । କିନ୍ତୁ ତହସିଲଦାର୍ ଠିକ୍ ଭାବେ ତଦନ୍ତ କଲେ ନାହିଁ । ରାଜସ୍ୱ ନିରୀକ୍ଷକ କିମ୍ବା ଅମିନ ଜାଗା ଚିହ୍ନଟ କଲେ ନାହିଁ । ଏଣୁ ସେମାନେ ପୁନଃ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ତହସିଲଦାର୍‌ଙ୍କ ସହ ଉପଜିଲାପାଳ ଏ ସମ୍ପର୍କରେ ଫୋନ୍‌ରେ ଆଲୋଚନା କରିବା ସହ ତୁରନ୍ତ ମାମଲାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ବର୍ତ୍ତମାନ ସୁଦ୍ଧା ନିର୍ଦ୍ଦେଶ ପାଳନ ହୋଇନାହିଁ। ଉକ୍ତ ଘରକୁ ନେଇ ପୂର୍ବରୁ କୋର୍ଟରେ ଏକ ମାମଲା ବିଚାରାଧୀନ ରହିଛି। ଏଭଳି ସ୍ଥଳେ ତାଙ୍କୁ ଘରୁ ତଡ଼ିଦେଇ ବଳପୂର୍ବକ କବ୍‌ଜା କରାଯାଇଛି ବୋଲି ଦଣ୍ଡପାଣି ଅଭିଯୋଗ କରିଛନ୍ତି । ତେବେ ଅଭିଯୋଗ ଶୁଣିବା ପରେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ପି ପିନାକ ମିଶ୍ର ପ୍ରତିଶ୍ରୁତି ଦେଇଥିଲେ ।

# ସୂଚନା ଅଧିକାର ଆଇନକୁ ପଙ୍ଗୁ କରୁଛନ୍ତି ସରକାର




ବିକ୍ଷୋଭ ଶୋଭାଯାତ୍ରାରେ ବୁଦ୍ଧିଜୀବୀମାନେ ଦାବିପତ୍ର ପ୍ରଦାନ କରିବାକୁ ଯାଉଛନ୍ତି ।

**ବ୍ରହ୍ମପୁର ଅଫିସ୍,୨୨।୭**

ସୂଚନା ଅଧିକାର ଆଇନ୍‌କୁ ସଂଶୋଧନକରି ଏହାକୁ ପଙ୍ଗୁ କରିଦେବାକୁ କେନ୍ଦ୍ର ମୋଦି ସରକାର ଉଦ୍ୟମ କରୁଛନ୍ତି ବୋଲି ଅଭିଯୋଗ ହୋଇଛି । ସଂଶୋଧନ ପ୍ରସ୍ତାବକୁ ପ୍ରତ୍ୟାହାର ଏବଂ ହୁଇସିଲେ ବ୍ଲୋୟର୍ ସୁରକ୍ଷା ଆଇନ୍‌ର ତୁରନ୍ତ କାର୍ଯ୍ୟକାରିତା ଦାବିରେ କମାପଲ୍ଲୀ ଛକରେ ମାନବ ଅଧିକାର ସୁରକ୍ଷା ମଞ୍ଚ, ବ୍ରହ୍ମପୁର ମିଳିତ କ୍ରିୟାନୁଷ୍ଠାନ କମିଟି, ସୂଚନା ଅଧିକାର ମିଳିତ ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଓଡ଼ିଶା ସମେତ ସମଗ୍ର ଦେଶରେ ଦୁର୍ନୀତି ବିରୋଧରେ ଲଢ଼େଇ ପାଇଁ ସାଧାରଣ ଲୋକଙ୍କ ହାତରେ ସୂଚନା ଅଧିକାର ଆଇନ୍ ଏକ ବଳିଷ୍ଠ ଅସ୍ତ୍ର ହୋଇଯାଇଛି। ପ୍ରଶାସନିକ ବ୍ୟବସ୍ଥାରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ରକ୍ଷା କରିବା କ୍ଷେତ୍ରରେ ଏହି ଆଇନ୍‌ର ଅବଦାନ ରହିଛି । ଦେଶବ୍ୟାପୀ ବର୍ଷକୁ ୮୦ଲକ୍ଷ ଦରଖାସ୍ତ ସୂଚନା ପାଇଁ ଆବେଦନ କରାଯାଇଛି । କେନ୍ଦ୍ର ଭାଜପା ସରକାର ଏହି ଆଇନ୍‌କୁ ସଂଶୋଧନ କରି ଅକାମୀ କରିଦେବା ପାଇଁ ଏକ ସଂଶୋଧନ ପ୍ରସ୍ତାବ ଗତ ୧୯ତାରିଖରେ ଲୋକ ସଭାରେ ଆଗତ କରିଛନ୍ତି । ବିଲ୍‌ରେ ସୂଚନା ଅଧିକାର ଆଇନ୍‌ର ଧାରା ୧୩ ଏବଂ ୧୬(କମିଶନ୍‌ଙ୍କ ପଦବୀ ଏବଂ ଚାକିରି ସର୍ତ୍ତାବଳୀ)କୁ ସଂଶୋଧନ କରାଯିବ । ଫଳରେ କେନ୍ଦ୍ର ସୂଚନା କମିଶନ୍ ଏବଂ ରାଜ୍ୟ ସୂଚନା କମିଶନଙ୍କ ପଦବୀ ସଙ୍କୁଚିତ ହୋଇଯିବ । ସେମାନଙ୍କ ଚାକିରି ସର୍ତ୍ତାବଳୀ, କାର୍ଯ୍ୟକାଳ ନିର୍ଦ୍ଧାରଣ ପାଇଁ କ୍ଷମତା ମଧ୍ୟ ସଂକୁଚିତ ହୋଇଯିବ। ଆଇନ୍‌କୁ ଦୁର୍ବଳ କରିବା ପାଇଁ ମୋଦି ସରକାରଙ୍କ ଏହା ଏକ ବଡ଼ ଚକ୍ରାନ୍ତ। ଦେଶବ୍ୟାପୀ ଏହାକୁ ବିରୋଧ କରାଯାଉଛି । ସୂଚନା ଅଧିକାର ଆଇନ୍‌କୁ ବ୍ୟବହାର କରି ଦୁର୍ନୀତି ବିରୋଧରେ ଲଢୁଥିବା କର୍ମୀମାନଙ୍କୁ ଲଗାତର ହତ୍ୟା, ଆକ୍ରମଣ ଏବଂ ଧମକ ଦିଆଯାଉଛି । ସେମାନଙ୍କ ସୁରକ୍ଷା ପାଇଁ ୨୦୧୪ରେ ହୁଇସିଲ୍ ବ୍ଲୋୟର୍ ପ୍ରୋଟେକ୍ସନ୍ ଆକ୍ଟ ପ୍ରଣୟନ ହୋଇଥିଲା। କିନ୍ତୁ ୫ ବର୍ଷ ପରେ ମଧ୍ୟ ଏହି ଆଇନ୍‌କୁ କାର୍ଯ୍ୟକାରୀ କରାଯାଇନାହିଁ। ଏଣୁ ସଂଶୋଧନ ପ୍ରସ୍ତାବକୁ ପ୍ରତ୍ୟାହାର ଏବଂ ହୁଇସିଲ୍ ବ୍ଲୋୟର୍ ପ୍ରୋଟେକ୍ସନ୍ ଆକ୍ଟକୁ କାର୍ଯ୍ୟକାରୀ କରିବା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ପରେ ଏନେଇ ଏକ ଦାବିପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କୁ ପ୍ରଦାନ କରାଯାଇଥିଲା । ଏହି ବିକ୍ଷୋଭରେ ଅବନୀ କୁମାର ଗୟା, ରାଜା ସୁରେଶ, ବିଷ୍ଣୁ ପ୍ରସାଦ ସାହୁ, ଲକ୍ଷ୍ମୀ ନାରାୟଣ ରାଉତ, ଶ୍ୟାମ ସୁନ୍ଦର ଖାଡ଼ଙ୍ଗାଙ୍କ ସମେତ ବହୁ ବୁଦ୍ଧିଜୀବୀ ଭାଗ ନେଇଥିଲେ।

## ଦୋକାନରୁ ଚୋରି

**ବ୍ରହ୍ମପୁର ଅଫିସ,୨୨।୭**

ଟାଉନ ଥାନା ଅନ୍ତର୍ଗତ ଭାପୁର ବଜାରରେ ଥିବା ସାହୁ ଫୁଡ୍‌ସରୁ ରବିବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଦୋକାନ ତାଲା ଭାଙ୍ଗି କ୍ୟାଶ କାଉଣ୍ଟରରୁ ୮୦ ହଜାର ଟଙ୍କା ଚୋରି କରି ନେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ.୧୪୬/୧୯ରେ ଏକ ମାମଲା ରୁଜୁ କରିଛି।

ପ୍ରକାଶ ଯେ, ହରିଡାଖଣ୍ଡି ଶାନ୍ତି ନଗରର ମିଳନ କୁମାର ସାହୁ ଭାପୁର ବଜାରରେ ସାହୁ ଫୁଡ୍‌ସ ନାମକ ଏକ ଦୋକାନ କରିଛନ୍ତି। ରବିବାର ରାତିରେ ଦୋକାନ ବନ୍ଦକରି ସେ ଘରକୁ ଚାଲିଯାଇଥିଲେ। ସୋମବାର ସକାଳେ ଦୋକାନ ସଟର ଭଙ୍ଗାଯାଇଥିବା ନେଇ ଅନ୍ୟଜଣେ ଦୋକାନୀ ତାଙ୍କୁ ଖବର ଦେଇଥିଲେ। ପରେ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ ଆରମ୍ଭ କରିଛି। ରବିବାର ରାତିରେ ମାଲିକ ସାହୁ ତାଙ୍କ କାଉଣ୍ଟରରେ ୮୦ ହଜାର ଟଙ୍କା ରଖିଥିଲେ। ଦୁର୍ବୃତ୍ତମାନେ ଉକ୍ତ ଟଙ୍କା ଚୋରି କରି ନେଇଯାଇଥିବା ପୋଲିସ ସନ୍ଦେହ କରୁଛି। ମାର୍କେଟରେ ଲାଗିଥିବା ସିସି ଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ ଚଳାଇଥିବା କହିଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ୧୪ରେ ପହଞ୍ଚିଲା ଡେଙ୍ଗୁ ରୋଗୀଙ୍କ ସଂଖ୍ୟା

**ବ୍ରହ୍ମପୁର ଅଫିସ୍,୨୨।୭**

ଗଞ୍ଜାମ ଜିଲାରେ ଡେଙ୍ଗୁ ଧୀରେ ଧୀରେ କାୟା ମେଲାଇବାରେ ଲାଗିଛି । ପୂର୍ବରୁ ୧୨ଜଣ ରୋଗୀ ଚିହ୍ନଟ ହୋଇଥିଲେ। ଏବେ ଆଉ ୨ଜଣ ଚିହ୍ନଟ ହୋଇଛନ୍ତି। ସେଥିରେ ରହିଛନ୍ତି ବ୍ରହ୍ମପୁର ଗାନ୍ଧୀନଗର ଅଞ୍ଚଳର ଜଣେ ୨୪ବର୍ଷୀୟ ଯୁବକ ଏବଂ ଛତ୍ରପୁର ରାମଲକ୍ଷ୍ମୀ ନଗରର ଜଣେ ୩୭ବର୍ଷୀୟ ଯୁବକ। ଉଭୟ ହାଇଦ୍ରାବାଦ୍‌ରେ କାମ କରୁଥିଲେ। କିଛି ଦିନ ପୂର୍ବେ ସେମାନଙ୍କ ଦେହ ଖରାପ ହେବାରୁ ଘରକୁ ଫେରିଥିଲେ । ପ୍ରବଳ ଜ୍ୱର ହେବା ଯୋଗୁ ବ୍ରହ୍ମପୁର ବଡ଼ ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଥିଲା । ଉଭୟଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଥିଲା । ପରୀକ୍ଷା ବେଳେ ଡେଙ୍ଗୁ ଥିବା ଚିହ୍ନଟ ହୋଇଛି। ଉଭୟ ବର୍ତ୍ତମାନ ବଡ଼ ମେଡ଼ିକାଲ୍‌ରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ଫଳରେ ଜିଲାରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ୧୪ରେ ପହଞ୍ଚିଛି ।

## ପେନ୍‌ସନ୍ ପାଇଁ ଶିକ୍ଷକ ହଟହଟା

**ବ୍ରହ୍ମପୁର ଅଫିସ୍,୨୨।୭**



ଅବସରପ୍ରାପ୍ତ ସହକାରୀ ଶିକ୍ଷକ ସୋମନାଥ ସ୍ୱାଇଁ ।

ଅବସର ନେବାର ୧୨ବର୍ଷ ପରେ ମଧ ଶିକ୍ଷକ ସୋମନାଥ ସ୍ୱାଇଁଙ୍କୁ ଏପର୍ଯ୍ୟନ୍ତ ପେନ୍‌ସନ୍ ମିଳିନାହିଁ । ଏନେଇ ସୋମନାଥ ୭ଥର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରର ଦ୍ୱାରସ୍ଥ ହେଲେଣି । କିନ୍ତୁ ଫଳ ଶୂନ। ଏଣୁ ସେ ଅସନ୍ତୋଷ ପ୍ରକାଶ କରିଛନ୍ତି । ତାଙ୍କ ଅଭିଯୋଗ ହେଲା, ସାନଖେମୁଣ୍ଡି ବ୍ଲକ ଖଲିଙ୍ଗି ଉପ୍ରା ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ ସେ କାର୍ଯ୍ୟ କରୁଥିଲେ। ୨୦୦୭ରେ ସେ ଅବସର ନେଇଛନ୍ତି। କିନ୍ତୁ ତାଙ୍କୁ ପେନ୍‌ସନ୍ ମିଳିନାହିଁ। ସେ ବାରମ୍ବାର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କଠାରୁ ଆରମ୍ଭ କରି ଜିଲା ଶିକ୍ଷା ଅଧିକାରୀଙ୍କ ଯାଏ ଅଭିଯୋଗ କରିସାରିଲେଣି। ନିଜ କାର୍ଯ୍ୟକାଳ ସମୟରେ ସୋମନାଥ ବିଦ୍ୟାଳୟର କୌଣସି ପ୍ରକାର ନିର୍ମାଣ କାର୍ଯ୍ୟ କରିନାହାନ୍ତି କିମ୍ବା ତାଙ୍କ ବିରୋଧରେ କିଛି ଅଭିଯୋଗ ମଧ୍ୟ ନାହିଁ। ତଥାପି ପେନ୍‌ସନ୍ ପାଇବାରେ ବିଳମ୍ବ ହେଉଛି । ଅନ୍ୟପଟେ ଅବସର ପରଠୁ ପାଖରେ ଟଙ୍କା ନ ଥିବା ଯୋଗୁ ଚଳିବା ଅସୁବିଧା ହେଲାଣି । ଥରେ କି ଦୁଇ ଥର ନୁହଁ, ଗତ କିଛି ବର୍ଷ ଭିତରେ ସେ ୭ ଥର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି । ଅଥଚ କୌଣସି ପଦକ୍ଷେପ ନିଆଯାଉନାହିଁ । ଏଣୁ ତୁରନ୍ତ ପେନ୍‌ସନ୍ ପ୍ରଦାନ ଦିଗରେ ପଦକ୍ଷେପ ନେବାକୁ ସୋମନାଥ ଦାବି କରିଛନ୍ତି । ଅନ୍ୟପଟେ ଅଭିଯୋଗ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀଙ୍କୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ନିର୍ଦ୍ଦେଶ ଦେଇଥିଲେ ।

# ଅପରାଧ ସମୀକ୍ଷା କଲେ ଏସ୍‌ପି

## ସବୁ ମାମଲାର ଶୀଘ୍ର ତଦନ୍ତ କରିବାକୁ ନିର୍ଦ୍ଦେଶ

**ବ୍ରହ୍ମପୁର ଅଫିସ,୨୨।୭**

ବ୍ରହ୍ମପୁର ପୋଲିସ ଜିଲାର ସମସ୍ତ ଥାନାଧିକାରୀଙ୍କୁ ନେଇ ସୋମବାର ଅପରାଧ ସମୀକ୍ଷା କରିଛନ୍ତି ଏସ୍‌ପି ପିନାକ ମିଶ୍ର। ଜିଲା ପୋଲିସ କାର୍ଯ୍ୟାଳୟର ସିସିଟିଏନ୍‌ଏସ୍ ସମ୍ମିଳନୀ କକ୍ଷରେ ଏସ୍‌ପି ମିଶ୍ରଙ୍କ ଅଧ୍ୟକ୍ଷତାରେ ସୋମବାର ଜିଲାର ଅପରାଧ ସ୍ଥିତି ଅନୁଧ୍ୟାନ କରିଛନ୍ତି। ପ୍ରତି ଥାନାରେ ପଡ଼ି ରହିଥିବା ମାମଲାଗୁଡ଼ିକ ଯଥାଶୀଘ୍ର ତଦନ୍ତ କରିବାକୁ ସେ ଥାନାଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ଷ ଶେଷ ହେବାକୁ ଆଉ କିଛି ମାସ ବାକି ରହିଛି। ପୁରୁଣା ମାମଲାର ତଦନ୍ତ ସାରିବା ସହ ସମସ୍ତ ମାମଲାଗୁଡ଼ିକୁ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିବାକୁ କୁହାଯାଇଛି । ତଦନ୍ତ ସାରି ଫେରାର ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ମିଶ୍ର କହିଛନ୍ତି। ଥାନା ରେଜିଷ୍ଟର ଅପଟୁଡେଟ୍ ରଖିବାକୁ ମଧ୍ୟ କୁହାଯାଇଛି। କେତେଜଣ ଅଭିଯୁକ୍ତଙ୍କ ନାଁରେ ୱାରେଣ୍ଟ ରହିଛି ତାର ତାଲିକା ପ୍ରସ୍ତୁତ କରିବା ସହ ପ୍ରତି ମାସରେ କେତେଜଣ ୱାରେଣ୍ଟିଙ୍କୁ ଗିରଫ କରାଯାଉଛି ସେନେଇ ମଧ୍ୟ ତାଲିକା ପ୍ରସ୍ତୁତ କରିବାକୁ ସେ କହିଛନ୍ତି । ମହିଳା ଓ ଶିଶୁ ସମ୍ପର୍କିତ ମାମଲାଗୁଡ଼ିକୁ ଅଗ୍ରାଧିକାର ଦେଇ ଯଥାଶୀଘ୍ର ସମାଧାନ କରିବାକୁ କୁହାଯାଇଥିଲା। ସହରର ବିଭିନ୍ନ ହୋଟେଲ, ଲଜ୍ ଓ ରେଷ୍ଟୁରାଣ୍ଟ ଉପରେ ଚଢ଼ାଉ କରିବା ସହ ଅପରାଧୀଙ୍କ ଗତିବିଧି ଉପରେ ନଜର ରଖିବାକୁ ସେ କହିଛନ୍ତି। ସହରରେ ପୋଲିସ ଏବେ ହେଲମେଟ ଚେକିଂ କରିବାରେ ଧିମେଇ ଯାଇଛି। ଆଗକୁ ଏହା କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ରହ୍ମପୁରରେ ଟ୍ରାଫିକ ସମସ୍ୟା ଜଟିଳ ହେଉଛି। ସପ୍ତାହରେ ଦିନେ ପ୍ରତି ଥାନା ପକ୍ଷରୁ ଜିରୋ ଟଲରାନ୍ସ ପାଳନ କରାଯିବ ବୋଲି ଏସ୍‌ପି କହିଛନ୍ତି। ଦୁର୍ଘଟଣା ରୋକିବା ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ଆଦେଶକୁ ପାଳନ କରିବା ସହ ଯେପରି ଦୁର୍ଘଟଣା ସଂଖ୍ୟା କମିବ ସେଥିପ୍ରତି ଦୃଷ୍ଟି ଦେବାକୁ ଥାନାଧିକାରୀମାନଙ୍କୁ କୁହାଯାଇଛି। ଅନ୍ୟପଟେ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ ଏସ୍‌ପି କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ଅତିରିକ୍ତ ଏସ୍‌ପି ପ୍ରଭାତ ରାଉତରାୟ, ଏସ୍‌ଡିପିଓ ବିଷ୍ଣୁ ପ୍ରସାଦ ପତି, ସଦର ଏସ୍‌ଡିପିଓ ଜୟନ୍ତ ମହାପାତ୍ର, ଚିକିଟି ଏସ୍‌ଡିପିଓ ସୁରେନ୍ଦ୍ର ନାଥ ମୁର୍ମୁଙ୍କ ସମେତ ସମସ୍ତ ଥାନାଧିକାରୀ ଉପସ୍ଥିତ ଥିଲେ।

# ମ୍ୟୁଟେଶନ ମାମଲାର ଶୁଣାଣି ହେଉନି

**ବ୍ରହ୍ମପୁର ଅଫିସ୍,୨୨।୭**




ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ସହ ଓକିଲ ସଂଘ କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି ।

ବ୍ରହ୍ମପୁର, କୁକୁଡ଼ାଖଣ୍ଡି ଏବଂ କନିଷି ତହସିଲ୍ କାର୍ଯ୍ୟାଳୟରେ ମ୍ୟୁଟେଶନ୍ (ଜମି ଦାଖଲ ଖାରଜ)ମାମଲାଗୁଡ଼ିକର ଶୁଣାଣି ହେଉନି ବୋଲି ଅଭିଯୋଗ କରିଛି ଗଞ୍ଜାମ ଓକିଲ ସଂଘ । ସୋମବାର ଏ ନେଇ ସଂଘ ପକ୍ଷରୁ ଏକ ସ୍ମାରକପତ୍ର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଅଭିଯୋଗ ଶୁଣାଣି ଶିବିରରେ ପ୍ରଦାନ କରାଯାଇଛି। ସଂଘ ଅଭିଯୋଗ ପ୍ରକାରେ, ଅନେକ ମାସ ହେଲା ମ୍ୟୁଟେଶନ୍ ମାମଲାଗୁଡ଼ିକ ଦାଖଲ ହୋଇଥିଲେ ମଧ୍ୟ ସମ୍ପୃକ୍ତ ତହସିଲଦାର୍‌ମାନେ ତା'ର ଶୁଣାଣି କରୁନାହାନ୍ତି। ଫଳରେ ଲୋକମାନେ ହଇରାଣ ହେଉଛନ୍ତି। ଆଇନ୍‌ଜୀବୀମାନେ ଦାଖଲ କରିଥିବା ମାମଲାଗୁଡ଼ିକ ସେମାନଙ୍କର ଅଜାଣତରେ ଖାରଜ୍ କରି ଦିଆଯାଉଛି। କୌଣସି ପୂର୍ବ ସୂଚନା ପ୍ରଦାନ କରାଯାଉନାହିଁ। ଅନେକ ମ୍ୟୁଟେଶନ୍ ମାମଲାଗୁଡ଼ିକର ଦସ୍ତାବିଜ ଏବଂ ଆବଶ୍ୟକ ତଥ୍ୟ ନ ଥିବା ଦର୍ଶାଇ ଖାରଜ କରି ଦେଉଛନ୍ତି। ହେଲେ ଆବେଦନକାରୀଙ୍କୁ ପକ୍ଷ ରଖିବାର ସୁଯୋଗ ଦିଆଯାଉନାହିଁ। ସେଟେଲ୍‌ମେଣ୍ଟ ଆଣ୍ଡ କନ୍‌ସୋଲିଡେଶନ୍‌ର ଅତିରିକ୍ତ କମିଶନର୍‌ଙ୍କ କୋର୍ଟରେ ରୁଜୁ ହେଉଥିବା ମାମଲାଗୁଡ଼ିକରେ ତହସିଲଦାର ପକ୍ଷଭୁକ୍ତ। କିନ୍ତୁ ତହସିଲଦାରମାନେ କୋର୍ଟକୁ ଆସୁନାହାନ୍ତି କିମ୍ବା ସମ୍ପୃକ୍ତ ମାମଲାର କୌଣସି ରିପୋର୍ଟ ଦାଖଲ କରୁନାହାନ୍ତି। ଏପରିକି ଆଡିଶିନାଲ୍ କମିଶନର ଯେଉଁ ରାୟ ଶୁଣାଉଛନ୍ତି, ସେଗୁଡ଼ିକୁ ପାଳନ କରିବାରେ ତହସିଲଦାର୍‌ମାନେ ବହୁ ବିଳମ୍ବ କରୁଛନ୍ତି। ଏଣୁ ମ୍ୟୁଟେଶନ୍ ମାମଲାଗୁଡ଼ିକର ତ୍ୱରିତ ଶୁଣାଣି ପାଇଁ ତହସିଲଦାର୍‌ଙ୍କୁ ନିର୍ଦ୍ଦେଶ ଦେବାକୁ ଓକିଲ ସଂଘ ପକ୍ଷରୁ ଦାବି କରାଯାଇଛି। ତେବେ ଗତ ଫେବୃୟାରୀରୁ ସେଟେଲ୍‌ମେଣ୍ଟ ଆଣ୍ଡ କନ୍‌ସୋଲିଡେଶନ୍‌ର ଅତିରିକ୍ତ କମିଶନର୍‌ଙ୍କ କୋର୍ଟ ଠିକ୍ ଭାବେ କାର୍ଯ୍ୟ କରୁନାହିଁ। କାରଣ କେହି କମିଶନର୍ ନାହାନ୍ତି । ପୂର୍ବ କମିଶନର୍ ଅବସର ନେବା ପରେ କାହାକୁ ନିଯୁକ୍ତି ଦିଆଯାଇନାହିଁ। ଫଳରେ ଆବେଦନକାରୀମାନେ ହଇରାଣ ହେଉଛନ୍ତି। ଥରେ ଛତ୍ରପୁର ଅତିରିକ୍ତ ଜିଲାପାଳଙ୍କ ଦ୍ୱାରସ୍ଥ ହେବାକୁ କୁହାଯାଉଛି ତାପରେ ପୁଣି ବ୍ରହ୍ମପୁରରେ ଶୁଣାଣି ହେବ ବୋଲି କୁହାଯାଉଛି । ଆଡିଶିନାଲ୍ କମିଶନର୍‌ଙ୍କ କୋର୍ଟରେ ମାମଲା ଦାଖଲ କଲେ, କେହି ଗ୍ରହଣ କରୁନାହାନ୍ତି। କୌଣସି ପ୍ରକାର ସୂଚନା ମଧ୍ୟ ଦିଆଯାଉନାହିଁ । ପ୍ରାୟ ୭ହଜାର ମାମଲା ଶୁଣାଣି ନ ହୋଇ ପଡ଼ିରହିଛି । ତୁରନ୍ତ ଏଦିଗରେ ପଦକ୍ଷେପ ନେବାକୁ ସଂଘ ପକ୍ଷରୁ ଦାବି କରାଯାଇଥିଲା। ତେବେ ଯେଉଁ ସବୁ ମାମଲା ଶୁଣାଣି ନ ହୋଇ ପଡ଼ିରହିଛି, ସେଗୁଡ଼ିକ ସମ୍ପର୍କରେ ଅବଗତ କରାଗଲେ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ କୁଲାଙ୍ଗେ ପ୍ରତିଶ୍ରୁତି ଦେଇଥିଲେ। ଜିଲାପାଳଙ୍କ ସହ ଆଲୋଚନା ବେଳେ ସଂଘ ସମ୍ପାଦକ କୈଳାସ ଚନ୍ଦ୍ର ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ କିରଣ କୁମାର ମଣ୍ଡଳ, ଉପସଭାପତି ଚିତ୍ତରଞ୍ଜନ ଶତପଥୀଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

ଭଞ୍ଜନଗର,୨୨।୭(ଡି.ଏନ.ଏ): ବେଲଗୁଣ୍ଠା ମାଲସାହିର ଜଣେ ଯୁବକ କୌଣସି ଏକ କଥାରେ ମାନସିକ ଭାରସାମ୍ୟ ହରାଇ ସୋମବାର ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ନୀଳମାଧବ ପାତ୍ର। ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଭଞ୍ଜନଗର ହସ୍ପିଟାଲକୁ ପଠାଇଛି । ଏ ନେଇ ନୀଳମାଧବଙ୍କ ଭଉଣୀ ସବିତାଙ୍କ ଏତଲାକୁ ଭିତ୍ତିକରି ବେଲଗୁଣ୍ଠା ଫାଣ୍ଡି ପୋଲିସ ନଂ.୨୭/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

### ନଦୀରୁ ଛାତ୍ରୀଙ୍କ ମୃତଦେହ ଉଦ୍ଧାର

ଫୁଲବାଣୀ ଅଫିସ,୨୨।୭: ଫୁଲବାଣୀ ନାରାୟଣୀ ମନ୍ଦିର ନିକଟ ସାଲୁଙ୍କି ନଦୀରେ ଭାସୁଥିବା ଜଣେ କଲେଜ ଛାତ୍ରୀଙ୍କ ମୃତଦେହକୁ ସୋମବାର ଉଦ୍ଧାର କରାଯାଇଛି। ପାରିପାର୍ଶ୍ୱିକ ସ୍ଥିତିକୁ ଲକ୍ଷ୍ୟ କଲେ ଏହା ଏକ ହତ୍ୟାକାଣ୍ଡ ବୋଲି ଅନୁମାନ କରାଯାଉଛି। ହେଲେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିଲାପରେ ପ୍ରକୃତ ଘଟଣା ପଦାକୁ ଆସିବ ବୋଲି ପୋଲିସ କହିଛି । ମୃତ ଛାତ୍ରୀ ହେଲେ ଟିକାବାଲି ବ୍ଲକ ବୁର୍ବିନାଜୁ ପଞ୍ଚାୟତ ଟୁଡୁବାଲି ପଦାସାହିର ସୁନନ୍ଦା ନାୟକ । ସୁନନ୍ଦା ଫୁଲବାଣୀ ମାଷ୍ଟରପଡାରେ ମାମୁଘରେ ରହି ପାଠ ପଢୁଥିଲେ । ଚଳିତ ବର୍ଷ ସେ ଯୁକ୍ତ ୨ ପାସ କରିଥିଲେ । ଅର୍ଥ ଅଭାବରୁ ଯୁକ୍ତ ୩ରେ ନାମ ଲେଖାଇ ପାରି ନ ଥିଲେ। ସୋମବାର ଅପରାହ୍ନ ପ୍ରାୟ ୨ଟାରେ ନଦୀରେ ସୁନନ୍ଦା ଭାସୁଥିବା ସ୍ଥାନୀୟ ଲୋକେ ଦେଖି ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। ଦମକଳ କର୍ମଚାରୀ ପହଞ୍ଚି ତାଙ୍କୁ ପାଣିରୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ତେବେ ସେଠାରେ ସୁନନ୍ଦାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଟାଉନ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ନଂ.୩୫/୧୯ରେ ମାମଲା ରୁଜୁ କରାଯାଇଛି।

### ସ୍କୁଲ ଅଧକ୍ଷଙ୍କ ବିରୋଧରେ ଜିଲାପାଳଙ୍କୁ ଭେଟିଲେ ଅଭିଭାବକ

ଗଞ୍ଜାମ,୨୨।୭(ଡି.ଏନ୍.ଏ.): ଗଞ୍ଜାମ ସହରସ୍ଥିତ ଗ୍ରାସିମ ଇଣ୍ଡଷ୍ଟ୍ରି ଅଧୀନରେ ଥିବା ଜୟଶ୍ରୀ ଇଂଲିଶ ମିଡିୟମ ସ୍କୁଲ ଅଧକ୍ଷ ଓଡିଆ ଭାଷାକୁ ଅସମ୍ମାନ ଓ କିଛି ଅଭିଭାବକଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବା ଅଭିଯୋଗ ହୋଇଆସୁଥିଲା। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ନେଇ ଅଭିଭାବକ ସଂଘ ସୋମବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛି। ୭ ଦିନ ଭିତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ବେଳେ ଅଭିଭାବକ କମିଟି ସଭାପତି ଗୌରୀ ଶଙ୍କର ବାରିକ ଓ ସମ୍ପାଦକ ତ୍ରିଲୋଚନ ସାହୁଙ୍କ ସମେତ ଅନ୍ୟ ଅଭିଭାବକମାନେ ଉପସ୍ଥିତ ଥିଲେ। ଦାବିପତ୍ରର ନକଲ ଗଞ୍ଜାମ ତହସିଲଦାର ଓ ଥାନାଧିକାରୀଙ୍କୁ ମଧ ପ୍ରଦାନ କରାଯାଇଛି।

### ଦୁର୍ଘଟଣାରେ ୩ ଆହତ

ଛତ୍ରପୁର,୨୨।୭(ଡି.ଏନ.ଏ.): ପୃଥକ୍ ଗୋପାଳପୁର ଆର୍ମି ଏଡି କଲେଜ ଯବାନ ଇନ୍ଦ୍ରଜିତ ଗିରି ଛତ୍ରପୁରରୁ ବାଇକ୍ ଯୋଗେ ଫେରୁଥିବାବେଳ ଜାତୀୟ ରାଜପଥରେ ଟ୍ରକ୍ ଅଟକିଥିବାରୁ ଗ୍ରୀଡ୍ ଛକରେ ବ୍ରେକ୍ ମାରି ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଛତ୍ରପୁର ହସ୍ପିଟାଲରେ ଭର୍ତ୍ତି କରିଥିଲେ । ସେହିପରି ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ମାଲୁଦ ଗାଁର ଜାମିଲ ବିବି ଓ ତାଙ୍କ ପୁଅ ଅରବାଟ୍ ଖାନ୍ ବାଇକ୍ ଯୋଗେ ବ୍ରହ୍ମପୁର ଯାଉଥିବାବେଳେ ଛତ୍ରପୁର ବାଇପାସ୍‌ରେ ଅଟକି ରହିଥିବା ଟ୍ରକ ଯୋଗୁ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ । ସେମାନଙ୍କୁ ଚମାଖଣ୍ଡି ପୋଲିସ ଉଦ୍ଧାର କରି ଛତ୍ରପୁର ହସ୍ପିଟାଲରେ ଭର୍ତ୍ତି କରିଥିଲା।

### କମ୍ପ୍ରେସର, ଟ୍ରାକ୍ଟର, ପୋକଲିନ ଜବତ: ୩ ଅଟକ

ଆସିକା,୨୨।୭(ଡି.ଏନ୍.ଏ.):ଆସିକା ତହସିଲ ଗୁଣ୍ଡପଡା ରାଜସ୍ୱ ସର୍କଲ ଅନ୍ତର୍ଗତ ଗୁଣ୍ଡପଡା, ସୁମନ୍ତପଲ୍ଲୀ, ରାଇପଲ୍ଲୀ ଗ୍ରାମ ସଂଲଗ୍ନ ପାହାଡ ଉପରେ ସୋମବାର ପୋଲିସ ଓ ରାଜସ୍ୱ ବିଭାଗ ପକ୍ଷରୁ ମିଳିତ ଚଢାଉ କରାଯାଇଥିଲା। ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କ ନେତୃତ୍ୱରେ ତହସିଲଦାର ସୁବାସ ଚନ୍ଦ୍ର ସେଠିଆ, ଅତିରିକ୍ତ ତହସିଲଦାର ଆଶୁତୋଷ ଗୌରବକର, ଥାନା ଅଧିକାରୀ ପୀତବାସ ଧାରୁଆ ପ୍ରମୁଖ ପଥର କ୍ୱାରୀରେ ଚଢ଼ାଉ କରି କମ୍ପ୍ରେସରଯୁକ୍ତ ଗୋଟିଏ ଟ୍ରାକ୍ଟର, ଗୋଟିଏ ପୋକଲିନ ମେଶିନ ଓ କିଛି ବିସ୍ଫୋରକ ସାମଗ୍ରୀ ଜବତ କରିଛନ୍ତି। ଏହି ଘଟଣାରେ ୩ ଜଣଙ୍କୁ ଅଟକ ରଖାଯାଇଛି । ପର୍ଯ୍ୟାୟକ୍ରମେ ଆସିକା ତହସିଲ ଇଲାକାରେ ଥିବା ପଥର କ୍ୱାରୀରେ ମଧ ଚଢାଉ କରାଯିବ ବୋଲି ସୂଚନା ମିଳିଛି ।

## ତ୍ରିପାକ୍ଷିକ ଆଲୋଚନା ବୈଠକ

# ପୋର୍ଟକୁ ଆଇରନ ଓର୍ ଗାଡ଼ି ଚଳାଚଳ ସ୍ଥଗିତ

- ଅଟକିଥିବା ଗାଡି ଛଡାଯିବ
- ବାଟଛତ୍ରପୁର ରାସ୍ତା ୪ ଲେନ୍
- ଡୁଗୁଲୁ-କାଳିଆବାଲି ରାସ୍ତା ନିର୍ମାଣ ହେବ

ଛତ୍ରପୁର,୨୨।୭(ଡି.ଏନ.ଏ.)

ଗୋପାଳପୁର ପୋର୍ଟକୁ ଆଇରନ୍ ଓର ଓ ଆଇଆରଇ ଗାଡି କାଳିଆବାଲିରୁ ମାଟିଖାଲ ରାସ୍ତାରେ ଯାତାୟାତ ବନ୍ଦ ଦାବିରେ ଲୋକେ ସପ୍ତାହରେ ଧାରଣା ଦେଇଥିଲେ । ଏହାପରଠାରୁ ଉକ୍ତ ରାସ୍ତାରେ ଗାଡିଗୁଡିକ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି । ପରେ କେବଳ ରାତିରେ ହିଁ ଗାଡିଗୁଡିକ ପୋର୍ଟକୁ ଯାଉଛି । ଗତ ସପ୍ତାହ ହେଲା ଶତାଧିକ ଗାଡି ଜାତୀୟ ରାଜପଥରେ ଅଟକି ରହିଛି। ଫଳରେ ଯାତାୟାତରେ ଅସୁବିଧା ହେଉଛି। ଏହି ପରିପ୍ରେକ୍ଷୀରେ ସୋମବାର ସନ୍ଧ୍ୟାରେ ଏକ ତ୍ରିପାକ୍ଷିକ ଆଲୋଚନା ବୈଠକ ଛତ୍ରପୁରସ୍ଥିତ ଜିଲାପାଳଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧ୍ୟକ୍ଷତା କରିଥିଲେ। ଜାତୀୟ ରାଜପଥରେ ଅଟକିଥିବା ଗାଡିଗୁଡିକ କେବଳ ରାତିରେ ପୋର୍ଟକୁ ଛଡାଯିବ ବୋଲି ନିଷ୍ପତ୍ତି ହୋଇଛି । ଏହାପରେ ପୋର୍ଟକୁ ଆଇରନ୍‌ଓର୍ ଗାଡି ଚଳାଚଳ ସ୍ଥଗିତ ରଖାଯିବ ବୋଲି ଜିଲାପାଳ ଗଣମାଧମକୁ ସୂଚନା ଦେଇଛନ୍ତି । ଫଳରେ ପୋର୍ଟରେ ଅଚଳାବସ୍ଥା ସୃଷ୍ଟି ହେବା ସ୍ପଷ୍ଟ ହୋଇଛି । ମାଲ୍ ଟ୍ରକ୍ ଯୋଗେ ଆସୁଥିବାରୁ ପୋର୍ଟକୁ ଜାହାଜ ଆସୁଛି । ବାଟ ଛତ୍ରପୁରରୁ ପୋର୍ଟ ପର୍ଯ୍ୟନ୍ତ ରାସ୍ତା ୪ ଲେନ୍ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ଏଥିସହ ଡୁଗୁଲୁ ଛକ-ଆଇଆରଇ ପ୍ଲାଣ୍ଟ ଛକ-କାଳିଆବାଲି ଛକ ରାସ୍ତାର ପୁନରୁଦ୍ଧାର କରି ଭଲ ଭାବେ ନିର୍ମାଣ ହେବ। ଏହାକୁ ପୋର୍ଟ କର୍ତ୍ତୃପକ୍ଷ କରିବେ ବୋଲି ସୂଚନା ଦିଆଯାଇଛି। ପୋର୍ଟ ପକ୍ଷରୁ ଏଥିପାଇଁ ଡିପିଆର ପ୍ରସ୍ତୁତ କରି ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏଥିସହ କାଳିପଲ୍ଲୀ, କଣମଣା, ଆର୍ଯ୍ୟପଲ୍ଲୀ ଓ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତର ବିକାଶ ପାଇଁ ପୋର୍ଟ ଓ ଆଇଆରଇ କର୍ତ୍ତୃପକ୍ଷ ନିଜ ସିଏସ୍‌ଆର୍ ଫଣ୍ଡରୁ ଅର୍ଥ ଖର୍ଚ୍ଚ କରିବେ। ସହଯୋଗ କରନ୍ତୁ । ଉକ୍ତ ଅଞ୍ଚଳର ବିକାଶ କରାଯିବ ବୋଲି ଜିଲାପାଳ କହିଥିଲେ । ସ୍ଥାନୀୟ ଲୋକଙ୍କୁ ମଧ ଏଥିରେ ନିଯୁକ୍ତି ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ପ୍ରତି ଗାଁ କମିଟି ବିଭିନ୍ନ ପ୍ରସ୍ତାବ ଦେବାକୁ କୁହାଯାଇଛି । କେତେକ ଲୋକେ ଟ୍ରକ୍‌ଗୁଡିକରୁ ଅର୍ଥ ଆଦାୟ କରୁଛନ୍ତି। ଏହାକଲେ ସମ୍ପୃକ୍ତଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ କହିଥିଲେ । ଅନ୍ୟମାନଙ୍କ ମଧରେ ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀ, ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ତହସିଲଦାର ନୀଳମାଧବ ଭୋଇ, ପୋର୍ଟ ଓ ଆଇଆରଇ କର୍ତ୍ତୃପକ୍ଷ, କଣମଣା ସରପଞ୍ଚ ଏସ୍. ଚକ୍ରପାଣି ରେଡ୍ଡୀ, ସମିତି ସଭ୍ୟା ରଶ୍ମିତା ବେହେରା, ଆର୍ଯ୍ୟପଲ୍ଲୀ ସରପଞ୍ଚ ଏମ୍. ଲକ୍ଷ୍ମୀ, କାଳିପଲୀ ଓ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଉପସ୍ଥିତ ଥିଲେ ।

# ୧୬୫ ଅଭିଯୋଗ ଶୁଣିଲେ ଜିଲାପାଳ



ଜିଲାପାଳ ଅଭିଯୋଗ ଶୁଣୁଛନ୍ତି।

ଆର.ଉଦୟଗିରି, ୨୨।୭(ଡି.ଏନ.ଏ.)

ଆର.ଉଦୟଗିରି ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ସୋମବାର ଗଜପତି ଜିଲାପାଳ ଅନୁପମ ସାହା ଲୋକଙ୍କ ଅଭିଯୋଗ ଶୁଣାଣି କରିଛନ୍ତି। ଏଥିରେ ମୋଟ ୧୬୫ ଅଭିଯୋଗ ଶୁଣାଣି ହୋଇଛି। ସେଥିରୁ ଗ୍ରାମ୍ୟ ସମସ୍ୟା ୩୦ ଓ ୧୩୫ ବ୍ୟକ୍ତିଗତ ସମସ୍ୟା ଥିଲା। ୧୩୫ ସମସ୍ୟାରୁ ୧୦୦ଟି ଇନ୍ଦିରାବାସ ଏବଂ ୯ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଚିକିତ୍ସା ସହାୟତା ଓ ରେଡକ୍ରସ ପକ୍ଷରୁ ୫୧ ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଥିଲା। ଶବରପଲ୍ଲୀରେ ଏଏନ୍‌ଏମ ସେଣ୍ଟର ନିର୍ମାଣ, କଞ୍ଚମଲକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ, ଜିରାଙ୍ଗ, ରାମଗିରି ଓ ଆର.ଉଦୟଗିରି ହରିଜନ ସାହିକୁ ବିଦ୍ୟୁତ୍ ସଂଯୋଗ, ଆରଡି ରାସ୍ତାରୁ ଅଞ୍ଜେଇକୋଣ ପ୍ରଧାନମନ୍ତ୍ରୀ ସଡ଼କ ରାସ୍ତା ନିର୍ମାଣ, ତଇଲ ଗ୍ରାମକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ରାସ୍ତା ନିର୍ମାଣ, ବିଦ୍ୟୁତ ଯୋଗାଇବା ପାଇଁ ଦାବି କରିଥିଲେ। ଶୁଣାଣିରେ ଏସ୍‌ପି ସାରା ଶର୍ମା, ବିଡିଓ ପ୍ରଦୀପ ନାୟକ, ତହସିଲଦାର ସ୍ମୃତିରଞ୍ଜନ ସତପଥୀ, ବ୍ଲକ ଅଧକ୍ଷା ଅନିତା ମଣ୍ଡଳ ଓ ଜିଲା ଏବଂ ବ୍ଲକର ବିଭିନ୍ନ ପଦାଧିକାରୀ ଉପସ୍ଥିତ ଥିଲେ।

## କନ୍ଧମାଳରୁ ଦିଲ୍ଲୀ ଲମ୍ବିଛି ଚେର

# କାର୍‌ରୁ ୨ ପ୍ୟାକେଟ ଗଞ୍ଜେଇ ଜବତ, ୩ ଗିରଫ

ହିଞ୍ଜିଳିକାଟୁ,୨୨।୭(ଡି.ଏନ୍.ଏ.)



ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସ ସୂଚନା ଦେଉଛି। ଜବତ ଗଞ୍ଜେଇ ପ୍ୟାକେଟ।

କନ୍ଧମାଳ ଜିଲାରୁ ନୂଆଦିଲ୍ଲୀ ପର୍ଯ୍ୟନ୍ତ ଗଞ୍ଜେଇ ଚୋରା ଚାଲାଣର ଚେର ଲମ୍ବିଛି। ବାହାର ରାଜ୍ୟର ଚୋରା ବେପାରୀମାନେ ଦାମୀ କାରରେ ଓଡିଶା ଆସି ନିୟମିତ ଗଞ୍ଜେଇ ଧରି ଯାଉଛନ୍ତି। ଏପରି ଏକ ର୍‌ୟାକେଟକୁ ରବିବାର ସନ୍ଧ୍ୟାରେ ହିଞ୍ଜିଳି ପୋଲିସ ଖଣ୍ଡରା ଛକରେ ଗାଡ଼ି ଯାଞ୍ଚ ବେଳେ ଧରିଛି। ଏକ ଦାମୀ କାରରୁ ୨ ପ୍ୟାକେଟରେ ଥିବା ୪୫ କି.ଗ୍ରା ଗଞ୍ଜେଇ ଜବତ କରାଯିବା ସହ ଏଥିରେ ସମ୍ପୃକ୍ତ ଅନ୍ୟ ରାଜ୍ୟର ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କାରର ଡ୍ରାଇଭର ନୂଆଦିଲ୍ଲୀ ରାଣୀଖେଦା ଅଞ୍ଚଳର ଆଶିଷ କୁମାର, ବିହାର ବୈଶାଳୀ ଜିଲା ରଘୁଆପୁରର ନାନକ ରାଏ ଓ ମିର୍ଜାପୁର ଜିଲା କଟରା ଅଞ୍ଚଳର ସୁରଜ ମଣ୍ଡଳ। ଏ ନେଇ ଏସଆଇ ବିଶ୍ୱଜିତ ନାୟକଙ୍କ ଏତଲାକ୍ରମେ ହିଞ୍ଜିଳି ଥାନାରେ ନଂ.୧୮୪/୧୯ରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କୁ ସୋମବାର ଛତ୍ରପୁର ସେସନ କୋର୍ଟକୁ ଚାଲାଣ କରାଯାଇଛି। ହିଞ୍ଜିଳି ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆସିକା ଏସଡ଼ିପିଓ ସୂର୍ଯ୍ୟମଣି ପ୍ରଧାନ ଓ ହିଞ୍ଜିଳି ଆଇଆଇସି ଅଭିମନ୍ୟୁ ଦାଶ ଏହି ସୂଚନା ଦେଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ହିଞ୍ଜିଳି ଥାନା ଖଣ୍ଡରାଠାରେ ଗାଡ଼ି ଯାଞ୍ଚ ଚାଲିଥିଲା। ଗୋଟିଏ କଳା ରଙ୍ଗର କାରରେ ଆସୁଥିବା ଏକ ନାମୀ କମ୍ପାନୀର ଖାଇବା ମସଲା ଟ୍ୟାଗ ଲାଗିଥିବା ୨ଟି ପ୍ୟାକେଟକୁ ଯାଞ୍ଚ କରାଯିବାରୁ ସେଥିରୁ ଗଞ୍ଜେଇ ମିଳିଥିଲା। ପୋଲିସ ଉକ୍ତ କାର ଓ ଗଞ୍ଜେଇ ଜବତ କରି ଚାଳକଙ୍କ ସମେତ ୩ ଜଣଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତମାନେ ଦୀର୍ଘଦିନ ଧରି କନ୍ଧମାଳ ଓ ଗଞ୍ଜାମ ଜିଲାର ଚୋରା ବେପାରୀଙ୍କ ସହାୟତାରେ ବିଭିନ୍ନ ଇଲାକାରୁ ଗଞ୍ଜେଇ ନେଉଥିବା ଅଭିଯୁକ୍ତମାନେ ସ୍ୱୀକାର କରିଛନ୍ତି। ଏପରିକି କାରର ଇଞ୍ଜିନ ତଳ, ଡ଼ୋର. ଭିତର ବନେଟ ଆଦିକୁ ମଡ଼େଲିଂ କରି ସେଥିରେ ବିଭିନ୍ନ ମାଦକ ଦ୍ରବ୍ୟ ଚୋରା ଚାଲାଣ କରୁଥିଲେ ବୋଲି ମଧ କହିଛନ୍ତି। ଅଭିଯୁକ୍ତମାନେ କାରର କୌଣସି କାଗଜପତ୍ର ଦାଖଲ କରିପାରି ନାହାନ୍ତି। ଜବତ କାରର ନମ୍ବର, ଚେସିସ ଓ ଇଞ୍ଜିନ ନମ୍ବର ଯାଞ୍ଚ ପାଇଁ ଛତ୍ରପୁର ଆରଟିଓଙ୍କ ସହ ଯୋଗାଯୋଗ କରାଯାଉଛି ବୋଲି ଏସଡ଼ିପିଓ ପ୍ରଧାନ କହଛନ୍ତି।

## ଠିକାଦାରଙ୍କୁ ଆକ୍ରମଣ ଘଟଣା

# ପୋଲିସ ବିଫଳତାକୁ ନେଇ ବିଜେଡିର ପ୍ରତିବାଦ ସଭା

ଜଗନ୍ନାଥପ୍ରସାଦ,୨୨।୭(ଡି.ଏନ.ଏ.)

ଜଗନ୍ନାଥପ୍ରସାଦ ଗଣ୍ଡାଧର ଗ୍ରାମର ଜଣେ ବିଜେଡି ନେତା ତଥା ଠିକାଦାର ବିରୂପାକ୍ଷ ନାୟକଙ୍କୁ ଶୁକ୍ରବାର ଜଣେ ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଘଟଣାର ୫ ଦିନ ପରେ ବି ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ହୋଇଛି। ଏହା ପ୍ରତିବାଦରେ ବିଜେଡି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ହୋଇଥିଲା। ଏଥିରେ ଏମପି ପ୍ରତିନିଧି ବିପ୍ର ଚରଣ ବାରିକ, ବୁଦ୍ଧିଜୀବୀ ପ୍ରଦୀପ୍ତ କିଶୋର ଭୂୟାଁ, ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ଅନାଦି ବେହେରା, ଉପଧକ୍ଷ ହିମାଂଶୁ ଶେଖର ବାରିକ, ଯୁବ ବିଜେଡି ସଭାପତି ଶ୍ରୀକାନ୍ତ ଦଳ ବେହେରା ଉପସ୍ଥିତ ଥିଲେ। ସଭାରେ ଗୁଣ୍ଡାମାନଙ୍କ କାର୍ଯ୍ୟକଳାପକୁ ନେଇ ତୀବ୍ର ନିନ୍ଦା କରାଯାଇଥିଲା। ଅଞ୍ଚଳରେ ଠିକାଦାରମାନଙ୍କୁ ଦାଦାବଟି ମଗାବା, ନିରୀହଙ୍କୁ ଧମକ ଚମକ ଦେଇ ହଇରାଣ କରାଯାଉଛି। ବିରୋଧି ଦଳ ସମର୍ଥକ ଉକ୍ତ କାର୍ଯ୍ୟରେ ଲିପ୍ତ ଥିବା ନେଇ ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଛି। ଉକ୍ତ ଦୁର୍ବୃତ୍ତ ପୂର୍ବରୁ ସମବାୟ କେନ୍ଦ୍ର ସଭାପତି ବୀରେନ୍ଦ୍ର ଆରୁଖଙ୍କୁ ମଧ ଖଣ୍ଡାରେ ଆକ୍ରମଣ କରି ଜେଲ ଯାଇଥିଲେ। ଏ ନେଇ ବିଡିଓଙ୍କ ଜରିଆରେ ଗଞ୍ଜାମ ଜିଲାପାଳ, ଆରକ୍ଷୀ ଅଧୀକ୍ଷକ, ଉପଖଣ୍ଡ ପୋଲିସ ଅଧିକାରୀଙ୍କୁ ଏକ ଅଭିଯୋଗ ପତ୍ର ପ୍ରଦାନ କରାଯାଇଛି। ଥାନା ଅଧିକାରୀ ଯୁବରାଜ ସ୍ୱାଇଁଙ୍କୁ ପଚରାଯିବାରୁ ଆମ୍ଭେ ଅଭିଯୁକ୍ତଙ୍କୁ ଧରିବାକୁ ଚେଷ୍ଟା ଚଳାଇଛୁ ଏବଂ ଜୁଆ, ମଦ ଧରପଗଡ଼ ଚାଲିଥିବା ସେ କହିଛନ୍ତି। ସଭାରେ ଦେବୀ ପ୍ରସାଦ ମହାପାତ୍ର, ଉମା ଶଙ୍କର ବାରିକ ଓ ବସନ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ଆର୍‌ସିସିଏଫ୍‌ଙ୍କ ଘୁମୁସର ବନଖଣ୍ଡ ପରିଦର୍ଶନ

# ଜାଇକା ମାଧ୍ୟମରେ ୩ ଲକ୍ଷ ଚାରାରୋପଣ ହେବ

ଭଞ୍ଜନଗର,୨୨।୭(ଡି.ଏନ.ଏ)

ରାଜ୍ୟର ଅଧିକାଂଶ ଜଙ୍ଗଲରେ ପିଆଶାଳ, ରକ୍ତଚନ୍ଦନ, ପାହାଡ଼ିଆ ଶିଶୁ ଆଦି ଗଛ ପ୍ରାୟ ଦେଖିବାକୁ ମିଳୁନାହିଁ। ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଓ ଦକ୍ଷିଣ ଘୁମୁସର ବନଖଣ୍ଡରେ ମଧ ଏଭଳି ଅନେକ ଗଛ ଲୋପ ପାଇବାକୁ ବସିଲାଣି। ତେଣୁ ଉକ୍ତ ଗଛ ଯେଭଳି ଜଙ୍ଗଲରେ ବୃଦ୍ଧି ପାଇବ ସେଥିପାଇଁ ବନ ବିଭାଗ ଉଦ୍ୟମ ଆରମ୍ଭ କରିଛି। ଏଥିସହ ଲୋକଙ୍କ ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ଆବଶ୍ୟକ ଚାରା, ଔଷଧିୟ ବୃକ୍ଷ, ଆର୍ଥିକ ମାନଦଣ୍ଡରେ ଉନ୍ନତି ଆଣିବା ପାଇଁ ମହୁଲ, ଚାର ଆଦି ଚାରାରୋପଣ କରାଯିବ। ଜାପାନ ଇଣ୍ଟର ନ୍ୟାଶନାଲ କୋ-ଅପରେସନ ଏଜେନ୍ସି (ଜାଇକା) ମାଧ୍ୟମରେ ଚଳିତବର୍ଷ ୩ଲକ୍ଷ ଚାରା ଉତ୍ତର ଘୁମୁସର ବନଖଣ୍ଡରେ ଲଗାଯିବ। ଚାରାରୋପଣ ପରେ ବର୍ଷା ନହେଲେ ତାହା ମରିଯିବ । କେଉଁଭଳି ପରିସ୍ଥିତିରେ ଚାରାରୋପଣ ହେବ ଏବଂ ତାହାର ସୁରକ୍ଷା କିଭଳି ହୋଇପାରିବ ସେଥିପାଇଁ ବନ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ତେଣୁ ଆରସିସିଏଫ କେ.ସି.ପଣ୍ଡା ସୋମବାର ଉତ୍ତର ଘୁମୁସର ବନଖଣ୍ଡର ବିଭିନ୍ନ ଚାରା ଉତ୍ପାଦନ କେନ୍ଦ୍ର ପରିଦର୍ଶନ କରିବା ସହ ବନ ସୁରକ୍ଷା ସମିତି (ଭିଏସ୍‌ଏସ୍) କର୍ମକର୍ତ୍ତାଙ୍କ ସହ ପ୍ରତ୍ୟକ୍ଷ ଭାବେ ଆଲୋଚନା କରିଥିଲେ । ଏହି ସମୟରେ ଡିଏଫଓ ଅକ୍ଷୟ କୁମାର ଦଳାଇ, ଏସିଏଫ୍ ସୁଦର୍ଶନ ବାଦୀ, ରେଞ୍ଜର ପ୍ରଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆରସିସିଏଫ ନିଧିଆପଲ୍ଲୀ, ଗାଲେରି, ଡ଼ାଙ୍ଗୁଆପଲ୍ଲୀ, ମହାଗୁଡ଼ା, ଜୟମଙ୍ଗଳ ଆଦି ବନ ସୁରକ୍ଷା ସମିତି ଅଧୀନରେ ଥିବା ଚାରା ଉତ୍ପାଦନ କେନ୍ଦ୍ର ବୁଲି ଦେଖିଥିଲେ । ଏହାପୂର୍ବରୁ ରବିବାର ଆରସିସିଏଫ୍ ଦକ୍ଷିଣ ଘୁମୁସର ବନଖଣ୍ଡର ବିଭିନ୍ନ ବନ ସୁରକ୍ଷା ସମିତି ଅଞ୍ଚଳ ପରିଦର୍ଶନ କରିଥିଲେ ।


ଆରସିସିଏଫ୍ କେ.ସି.ପଣ୍ଡା ମହୁଗୁଡ଼ା ଭିଏସ୍‌ଏସ୍ ପରିଦର୍ଶନ କରୁଛନ୍ତି ।

# ସାହିତ୍ୟ ଉତ୍ସବ ବର୍ଷା ଆସର, କବି ସମ୍ମିଳନୀ

ଧରାକୋଟ,୨୨।୭(ଡି.ଏନ.ଏ.)

ଧରାକୋଟଗଡ଼ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଗଞ୍ଜାମର କବିତା ଘର ଓ ଜ୍ଞାନଜ୍ୟୋତି ସାହିତ୍ୟ ପ୍ରକାଶନ ଉଦ୍ୟମରେ ବର୍ଷା ଆସର ଏବଂ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ଚକାପାଦ ବିଡିଓ ଅନିଲ କୁମାର ପଟ୍ଟନାୟକ ଯୋଗଦେଇଥିଲେ। ମୁଖ୍ୟବକ୍ତା ସାହିତ୍ୟିକ ତଥା ଚକ୍ଷୁ ବିଶେଷଜ୍ଞ ଡା. ରାଜେନ୍ଦ୍ର କୁମାର ବେହେରା, ସାହିତ୍ୟ ଓ ସାହିତ୍ୟିକଙ୍କୁ ଓଡ଼ିଶାସ୍ତରରେ ପହଞ୍ଚାଇବାରେ ଗଞ୍ଜାମ କବିତାଘର ସାହିତ୍ୟ ମଞ୍ଚର ଭୂମିକା ଉପରେ କହିଥିଲେ। ଧରାକୋଟ ତହସିଲଦାର ଗଦାଧର ପାତ୍ର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ତାଙ୍କ ରଚିତ କବିତା ଧରାକୋଟ ଧରା ଏବଂ କବୟିତ୍ରୀ ସୁସ୍ମିତା ପାତ୍ରଙ୍କ ରଚିତ କବିତା ପୁସ୍ତକ 'ରାଧା ହେବାକୁ ମୁଁ ଚାହେଁନି'ର ଉନ୍ମୋଚନ ହୋଇଥିଲା। ସମ୍ପାଦକ ଭାଗୀରଥି ବେହେରା ଏହାକୁ ସଂଯୋଜନା କରିଥିଲେ। ଡ.ବିମଳ ପଟ୍ଟନାୟକଙ୍କୁ ଧରାକୋଟ ଲେଖକ ସମ୍ମାନ, ଅଜିତ କୁମାର ସେଠୀଙ୍କୁ ତରୁଣ କବି ସମ୍ମାନ, ଜିତେନ୍ଦ୍ର ବେହେରାଙ୍କୁ ନବ କବି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶୁଭସ୍ମିତା ତ୍ରିପାଠୀଙ୍କ ନୀଳତୃଷ୍ଣା କବିତା ସଂକଳନ ଉନ୍ମୋଚିତ ହୋଇଥିଲା। ସୁଚେତା ପାଣିଗ୍ରାହୀ, ଚିନ୍ମୟ ମିଶ୍ର, ଭାଗୀରଥି ପଣ୍ଡା, ଅମିତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

# ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ବଣ୍ଟନ

ପୁରୁଷୋତ୍ତମପୁର,୨୨।୭(ଡି.ଏନ.ଏ.)

ପୁରୁଷୋତ୍ତମପୁର ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏଥିଲାଗି ବ୍ଲକ ଅଧକ୍ଷ ସୂର୍ଯ୍ୟନାରାୟଣ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ବ୍ଲକ ଉପାଧକ୍ଷା ବବିତା ରାଉଳ, ବିଡିଓ ସତ୍ୟସୁନ୍ଦର ରାଉତ, ଏବିଡିଓ ମଧୁସୂଦନ ମହାରଣା ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ୧୮ ପଞ୍ଚାୟତର ୭୩ ହିତାଧିକାରୀଙ୍କୁ ଗୃହ ନିର୍ମାଣ ଲାଗି କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ବ୍ଲକ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଦ୍ୟାଳୟରେ ବିସ୍ଫୋରଣ ଘଟଣା: ୨ ଗିରଫ

## ବିପୁଳ ବିସ୍ଫୋରକ ଜବତ

ଆସିକା,୨୨।୭(ଡି.ଏନ୍.ଏ.)

ଆସିକା ଥାନା କୋଚିନେଡା ଫାଣ୍ଡି ଅନ୍ତର୍ଗତ ମାଗୁରା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର ପୂର୍ବାହ୍ନରେ ବିସ୍ଫୋରଣ ଘଟି ୨ ଛାତ୍ର ରାଜା ନାୟକ ଓ ଚନ୍ଦନ ସ୍ୱାଇଁ ଗୁରୁତର ଆହତ ହୋଇଥିଲେ। ଏବେ ସେମାନେ ବ୍ରହ୍ମପୁର ବଡ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଛାତ୍ରଦ୍ୱୟ ଗ୍ରାମ ଉପକଣ୍ଠ ଭେଙ୍କଟରାଇପଲ୍ଲୀ ପାହାଡତଳୁ ଗୋଟାଇ ଆଣିଥିବା ଡିଟୋନେଟରକୁ ମୋବାଇଲ ବ୍ୟାଟେରି ମାଧ୍ୟମରେ ପରୀକ୍ଷା କରୁଥିବା ବେଳେ ବିସ୍ଫୋରଣ ଘଟିଥିବା ବୟାନ ଦେଇଥିଲେ । ପରେ ପୋଲିସ ଭେଙ୍କଟରାଇପଲ୍ଲୀ ପାହାଡରେ ତନାଘନା କରିଥିଲା । ସୋମବାର ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମାଗୁରା ଗ୍ରାମର ଦୂତୀକୃଷ୍ଣ ପଣ୍ଡା ଓରଫ ଟୁଟୁ ଓ ଏସ. ପ୍ରକାଶ ରେଡ୍ଡୀ। ଅପରାହ୍ନରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ପାହାଡର ପ୍ରକୃତ ଗୁତାଧାରୀ ଅନ୍ୟଜଣେ ରହିଥିଲା ବେଳେ ଅଭିଯୁକ୍ତଦ୍ୱୟ ତାଙ୍କଠାରୁ ସବଲିଜରେ ଆଣି ପଥର ଫୁଟାଉଥିଲେ । ଆଗକୁ ପ୍ରକୃତ ଗୁତାଧାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆସିକା ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସଡିପିଓ ସୂର୍ଯ୍ୟମଣି ପ୍ରଧାନ ଓ ଥାନା ଅଧିକାରୀ ପୀତବାସ ଧାରୁଆ ସୂଚନା ଦେଇଛନ୍ତି। ଭେଙ୍କଟରାଇପଲ୍ଲୀ ପାହାଡରେ ଲୁଚାଇ ରଖାଯାଇଥିବା ବିପୁଳ ପରିମାଣର ଜିଲୋଟିନ ଓ ଡିଟୋନେଟର ପୋଲିସ ଜବତ କରିଛି । ସେହିପରି ପଥର କ୍ୱାରୀକୁ ବିସ୍ଫୋରକ ସାମଗ୍ରୀ ଯୋଗାଣ କରୁଥିବା କବିସୂର୍ଯ୍ୟନଗର ଥାନା ଜକର ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ଚଢାଉ କରାଯାଇ ଡିଟେନେଟର, ଜିଲୋଟିନ ଓ ଆମୋନିୟମ ନାଇଟ୍ରେଟ ଜବତ କରାଯାଇଛି। ଉଭୟ ସ୍ଥାନରୁ ୩୫୦ଟି ଡିଟୋନେଟର, ୨୫୦ ପ୍ୟାକେଟ ଜିଲୋଟିନ ଓ ୭ଟି ବସ୍ତାରେ ଥିବା ୩୫୦ କେଜି ଆମୋନିୟମ ନାଇଟ୍ରେଟ ଜବତ କରାଯାଇଥିବା ଖବରଦାତା ସମ୍ମିଳନୀରେ ଦର୍ଶାଯାଇଛି ।

# କାଟିଙ୍ଗିଆରେ ମଦ ବିରୋଧୀ ଆନ୍ଦୋଳନ ଜୋରଦାର

ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ, ୨୨।୭(ଡି.ଏନ.ଏ.)


ମହିଳାମାନେ ଜବତ କରିଥିବା ମଦ, ପୋଚ ଓ ଅନ୍ୟାନ୍ୟ ସାମଗ୍ରୀ।

ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ଥାନା ଅଞ୍ଚଳ କାଟିଙ୍ଗିଆ ପଞ୍ଚାୟତର କାଟିଙ୍ଗିଆ ସମେତ ମହାଗୁଡ଼ା, ମୁଣ୍ଡିଗାଁ, ତିଆରିଗାଁ ଆଦି ଗ୍ରାମରେ କିଛିଦିନ ହେଲା ମଦ ବିରୋଧୀ ଅଭିଯାନ ଜୋର ଧରିଛି। ସରପଞ୍ଚ କପିଳାସ ମଲ୍ଲିକଙ୍କ ସହଯୋଗରେ ନାରୀନେତ୍ରୀ ମୀରା ମନ୍ତ୍ରୀ, ଅରୁଣ ଦଣ୍ଡସେନା, ରମ୍ଭା ସେନାପତିଙ୍କ ନେତୃତ୍ୱରେ ଶତାଧିକ ମହିଳା ବିଭିନ୍ନ ଭାଟି ସମେତ ଜଙ୍ଗଲରେ ଚୋରାରେ ରନ୍ଧାଯାଉଥିବା ମଦଭାଟି ଉପରେ ଚଢ଼ାଉ କରିଛନ୍ତି। ସେମାନେ ଦେଶୀମଦକୁ ନଷ୍ଟକରିବା ସହ ରନ୍ଧା ସାମଗ୍ରୀ, ମହୁଲ ପୋଚକୁ ନଷ୍ଟ କରିଛନ୍ତି। ଏହି ପ୍ରକ୍ରିୟା ଆଗକୁ ଜାରି ରହିବ ବୋଲି ମହିଳାମାନେ କହିଛନ୍ତି। ଫଳରେ ଚୋରାମଦ ବ୍ୟବସାୟୀମାନେ ତାଙ୍କ କାରବାରକୁ ବନ୍ଦ କରିବା ପାଇଁ ଏକ ପ୍ରକାର ବାଧ ହୋଇଛନ୍ତି। କେତେଜଣ ବ୍ୟବସାୟୀ ଆଗକୁ ଏହି ବେପାର କରିବେ ନାହିଁ ବୋଲି ଥାନାରେ ଲିଖିତ ପ୍ରତିଶ୍ରୁତି ଦେଇଥିବା ମହିଳା ସଂଘ ପକ୍ଷରୁ କୁହାଯାଇଛି।

ମହିଳାମାନେ ଅଭିଯୋଗ କରିଛନ୍ତି ଯେ, ଦୁର୍ଗମ ଅଞ୍ଚଳରେ କାଟିଙ୍ଗିଆ ରହିଥିବା ବେଳେ ୨୦୦୮ ଏବଂ ୨୦୦୯ ମସିହାରେ ମାଓବାଦୀଙ୍କ ଦୁଇ ଦୁଇ ଥର ଆକ୍ରମଣ ଯୋଗୁ କାଟିଙ୍ଗିଆ ଫାଣ୍ଡି ବନ୍ଦ ହୋଇପଡ଼ିରହିଛି। ଏବେ ମାଓବାଦୀଙ୍କ ନାମ ନେଇ ଉକ୍ତ ଅଞ୍ଚଳକୁ ପୋଲିସ ଯାତାୟାତ କରୁନାହିଁ। ଅବକାରୀ ବିଭାଗ ପକ୍ଷରୁ ମଧ ଚଢ଼ାଉ କରାଯାଉନାହିଁ। ଫଳରେ ଏହାର ଫାଇଦା ନେଇ ଚୋରା ମଦ କାରବାର ବୃଦ୍ଧି ପାଇଛି। ଏଥିପ୍ରତି ଜିଲା ପୋଲିସ ପକ୍ଷରୁ ଦୃଢ଼ ପଦକ୍ଷେପ ନେବା ପାଇଁ ଦାବି ହୋଇଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ମଙ୍ଗଳବାର, ଜୁଲାଇ ୨୩/୨୦୧୯ Berhampur, Tuesday, July 23/2019




■ନବୀକରଣ ନ ହୋଇ ଓଜନ, ମାପ ଯନ୍ତ୍ର ବ୍ୟବହାର

# ୨ ବ୍ୟାଙ୍କ ଦେଲେ ଜରିମାନା, ଗୋଟିଏକୁ ନୋଟିସ

ଭଞ୍ଜନଗର/ସୋରଡ଼ା, ୨୨।୭ (ଡି.ଏନ.ଏ)

ଘରୋଇ ଓ ରାଷ୍ଟ୍ରାୟତ ବ୍ୟାଙ୍କଗୁଡ଼ିକରେ ଓଜନ ମାପ ଯନ୍ତ୍ରଗୁଡ଼ିକ ନବୀକରଣ ନ ହୋଇ ବ୍ୟବହାର ହେଉଛି । ସେହିପରି କେତେକ ବ୍ୟାଙ୍କ ଆଇଏସ୍‌ଓ ମାନ୍ୟତାପ୍ରାପ୍ତ ଓଜନ ମାପ ଯନ୍ତ୍ର ବ୍ୟବହାର କରୁନାହାନ୍ତି। ଏ ସମ୍ପର୍କରେ ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜଙ୍କ ନିକଟକୁ ଅଭିଯୋଗ ଆସିଥିଲା। ତେଣୁ ତାଙ୍କ ନିର୍ଦ୍ଦେଶକ୍ରମେ ସୋମବାର ସୋରଡ଼ା ଓ ବଡ଼ଗଡ଼ରେ ଥିବା ୩ଟି ବ୍ୟାଙ୍କ ଉପରେ ଅଚାନକ ଚଢ଼ାଉ କରାଯାଇ ଓଜନ ଓ ମାପ ଯନ୍ତ୍ର ଯାଞ୍ଚ କରାଯାଇଥିଲା। ୨ଟି ରାଷ୍ଟ୍ରାୟତ ବ୍ୟାଙ୍କ ଓଜନ ଯନ୍ତ୍ର ନବୀକରଣ କରି ନ ଥିବା ଜଣାପଡ଼ିଥିଲା। ଏ ବାବଦରେ ରାଜ୍ୟ ସରକାର ଅନେକ ରାଜସ୍ୱ ହରାଇଛନ୍ତି । ତେଣୁ ୨ ବ୍ୟାଙ୍କରୁ ୩୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ଅନ୍ୟ ଏକ ବ୍ୟାଙ୍କ ଆଇଏସଓ ମାନ୍ୟତାପ୍ରାପ୍ତ ଓଜନ ମାପ ଯନ୍ତ୍ର ବ୍ୟବହାର କରି ନ ଥିବା ଯୋଗୁ ୧୦ ହଜାର ଟଙ୍କା ଜରିମାନା ଦେବାପାଇଁ ବିଭାଗ ପକ୍ଷରୁ ନୋଟିସ ଦିଆଯାଇଛି। ଚଢ଼ାଉ ସମ୍ପର୍କରେ ଜଣାପଡ଼ିବା ପରେ ଉପଖଣ୍ଡର ଅନ୍ୟ କେତେକ ବ୍ୟାଙ୍କ ପକ୍ଷରୁ ତୁରନ୍ତ ଓଜନ ମାପ ଯନ୍ତ୍ରକୁ ନବୀକରଣ ପାଇଁ ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି। ବ୍ୟାଙ୍କ ପରେ ଯାଞ୍ଚ ଟିମ୍ ସୋରଡ଼ା ବ୍ଲକର ବିଭିନ୍ନ ପେଟ୍ରୋଲ ଟାଙ୍କିରେ ଚଢ଼ାଉ କରି ପେଟ୍ରୋଲର ମାନ ଓ ଅନ୍ୟାନ୍ୟ ଯାଞ୍ଚ କରିଥିଲେ। ସୋରଡ଼ା ତହସିଲଦାର ଅମର କୁମାର ବସନ୍ତରାୟ, ଅତିରିକ୍ତ ତହସିଲଦାର କୁରେଶ ଚନ୍ଦ୍ର ଜାନୀ, ସହକାରୀ ନିୟନ୍ତ୍ରକ ବିନୟ କୁମାର ଦାସ, ନିରୀକ୍ଷକ ବିଶ୍ୱଜିତ ପଣ୍ଡା ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ ବୋଲି ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୂଚନା ଦେଇଛନ୍ତି ।



ଏକ ବ୍ୟାଙ୍କରେ ଯାଞ୍ଚ ଚାଲିଛି ।

# ବ୍ରାହ୍ମଣୀଗାଁ ବନାଞ୍ଚଳରେ ବାଘ ଆତଙ୍କ

■ ସିଆଙ୍ଗାଉଜୁ ପାହାଡ଼ରେ ବାଛୁରି ମାରିଥିବା ସନ୍ଦେହ
■ ୨ ଦିନ ପରେ ସୁରାକ ପାଇନି ବନ ବିଭାଗ

ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ, ୨୨।୭(ଡି.ଏନ.ଏ)

ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ବନାଞ୍ଚଳରେ ଗତ ଦୁଇଦିନ ହେଲା ବାଘ ଆତଙ୍କ ଦେଖାଯାଇଛି। ବାଘକୁ କେହି ଦେଖି ନ ଥିଲେ ମଧ୍ୟ ବନାଞ୍ଚଳ ଅନ୍ତର୍ଗତ ଆଡିଗୁଡ଼ି ଗ୍ରାମ ନିକଟ ସିଆଙ୍ଗାଉଜୁ ପାହାଡ଼ରେ ଶନିବାର ଏକ ବାଛୁରି ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ମରି ପଡ଼ିଥିବା ଏବଂ ନିକଟସ୍ଥ ବୁଦାରେ ଶବ୍ଦ ଶୁଣି ଭୟରେ ସେଠାରୁ ପଳାଇ ଆସିଥିବା ଉକ୍ତ ଅଞ୍ଚଳର ଟିଙ୍ଗା ମୁଠାମାଝି କହିଛନ୍ତି। ଟିଙ୍ଗା ଜଙ୍ଗଲକୁ କାଠ ସଂଗ୍ରହ ପାଇଁ ଯାଇଥିବା ବେଳେ ଏପରି ଘଟଣା ଦେଖି ଅଞ୍ଚଳରେ ବାଘ ଥିବା ସନ୍ଦେହ କରୁଥିବା ସମ୍ପର୍କରେ ବନାଞ୍ଚଳ ଅଧିକାରୀ ଲଳିତମୋହନ ନାୟକଙ୍କୁ କହିଥିଲେ । ବନ ବିଭାଗ ପକ୍ଷରୁ ରବିବାର ଏବଂ ସୋମବାର ଉକ୍ତ ଅଞ୍ଚଳରେ ତଦନ୍ତ କରାଯାଇଛି। ତେବେ ବାଛୁରି ମୃତଦେହ ପଡ଼ିଛି ବୋଲି କୁହାଯାଉଥିବା ସ୍ଥାନକୁ ଯିବାପାଇଁ ବନ କର୍ମଚାରୀମାନେ ଭୟ କରୁଛନ୍ତି। ଉକ୍ତ ସ୍ଥାନଟି ଘଞ୍ଚ ଜଙ୍ଗଲ ହୋଇଥିବାରୁ ସୁରକ୍ଷା ଦୃଷ୍ଟିରୁ ବନ ବିଭାଗ ସେଠାକୁ ପହଞ୍ଚି ପାରି ନ ଥିବା ବନାଞ୍ଚଳ ଅଧିକାରୀ ନାୟକ କହିଛନ୍ତି। ତଥାପି ଖୁବ୍‌ଶୀଘ୍ର ସେଠାରୁ ପାଦଚିହ୍ନ ଚିହ୍ନଟ କରାଯିବ ବୋଲି ସେ କହିଛନ୍ତି। ଉକ୍ତ ଅଞ୍ଚଳରେ ଚିତ୍ତା ବାଘ ଥିବା ବନ ବିଭାଗ ଅନୁମାନ କରିଛି । ବାଘକୁ ନେଇ ଆଡିଗୁଡ଼ି ଗ୍ରାମବାସୀ ଭୟଭୀତ ଥିବାରୁ ସେମାନଙ୍କୁ ସୋଲାର ଲାଇଟ ଯୋଗାଇ ଦିଆଯିବା ସହ ବନ ବିଭାଗ କର୍ମଚାରୀ ବାରମ୍ବାର ଗ୍ରାମକୁ ଯାଇ ଲୋକେ ସୁରକ୍ଷିତ ରହିବା ପାଇଁ ବିଭିନ୍ନ ପରାମର୍ଶ ଦେଉଛନ୍ତି। ସୂଚନାଯୋଗ୍ୟ, ଚଳିତ ମାସରେ ଉକ୍ତ ବନାଞ୍ଚଳର ଉଲିପଦର ହଷ୍ଟେଲ ଭିତରକୁ ବାଘ ପଶି ଆସିଥିବା ଆତଙ୍କ ସୃଷ୍ଟି ହୋଇଥିଲା। ଏବେ ସୁଦ୍ଧା ବନ ବିଭାଗ ପକ୍ଷରୁ ତାହା ବାଘ କିମ୍ବା ଅନ୍ୟ କୌଣସି ହଂସ୍ରଜନ୍ତୁ ସ୍ପଷ୍ଟ କରାଯାଇନାହିଁ। ବାଘ ଆତଙ୍କ ଯୋଗୁ ଜଙ୍ଗଲକୁ ଯାଇପାରୁ ନ ଥିବା ବେଳେ ସନ୍ଧ୍ୟା ହେଲେ ଘରୁ ବାହାରିବାକୁ ସୁରକ୍ଷିତ ମଣୁ ନ ଥିବା ଗ୍ରାମବାସୀ କହିଛନ୍ତି।

# ନବଜାତ ଶିଶୁକନ୍ୟାର ମୃତଦେହ ଉଦ୍ଧାର

**ଖଲ୍ଲିକୋଟ,୨୨।୭(ଡି.ଏନ.ଏ.)**

ଖଲ୍ଲିକୋଟ ଥାନା ମଥୁରା ଓ ଭରସା ଗ୍ରାମ ମଧ୍ୟ ଭାଗରେ ଥିବା ଏକ ବ୍ରିଜ ତଳୁ ସୋମବାର ନବଜାତ ଶିଶୁକନ୍ୟାର ମୃତଦେହ ଉଦ୍ଧାର କରାଯାଇଛି। ବ୍ରିଜ ତଳେ ମୃତ ଶିଶୁକନ୍ୟା ପଡ଼ି ରହିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଜଣାଇଥିଲେ। ଖଲ୍ଲିକୋଟ ତହସିଲଦାର ଚିତ୍ତରଞ୍ଜନ ମହନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତ ଶିଶୁକନ୍ୟାକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି।




2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ